# ଆମ ପ୍ରଶାସନ

# ସମ୍ମାନ ହରାଉଛି କାହିଁକି ?

[୨] ୨୨/୦୧/୧୯୮୯

ଏକ ଲୋକ ପ୍ରତିନିଧିମୂଳକ ସରକାରୀ ବ୍ୟବସ୍ଥାରେ ରାଜନୈତିକ ଇଚ୍ଛାଶକ୍ତିକୁ କାର୍ଯ୍ୟକ୍ରମରେ ରୂପାୟିତ କରିବାପାଇଁ ଏକ ଦକ୍ଷ ଏବଂ ପ୍ରତିବଦ୍ଧ ପ୍ରଶାସନ ବ୍ୟବସ୍ଥା କଥା ଆମେ ବରାବର ଏହି ସ୍ତମ୍ଭରେ ଉଲ୍ଲେଖ କରିଆସିଛୁ । ଗତଥର ଶିକ୍ଷା ବିଭାଗର କେତେକ ମୌଳିକ ଅସଙ୍ଗତି ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲୁ । ଆଜି ଜଙ୍ଗଲ, ନଗର ଉନ୍ନୟନ ଏବଂ ଶକ୍ତି ବିଭାଗର କେତେଗୋଟି ଛୋଟିଆ କଥା ଉଲ୍ଲେଖ କରୁଛୁ । କଥାଗୁଡ଼ିକ ଛୋଟହେଲେ ମଧ୍ୟ ଆମ ବ୍ୟବସ୍ଥା ଏବଂ ତା'ର କାର୍ଯ୍ୟକାରିତାକୁ ତାହା ଏପରି ଭାବରେ ପ୍ରଭାବିତ ଏବଂ ସଙ୍କୁଚିତ କରୁଛି ଯେ ଅଙ୍ଗେ ନ ନିଭେଇଥିବା ଲୋକ ତାହା ବିଶ୍ୱାସ କରିପାରିବନାହିଁ ।

ବିଭାଗ ଏବଂ ବିଭାଗ ମଧ୍ୟରେ ସମନ୍ୱୟ ଓ ଉତ୍ତମ ବୁଝାମଣା ଅଭାବରୁ ଆମର ବହୁ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେଉଛି । ବହୁ ସମୟ ଓ ସମ୍ବଳ ଅଯଥାରେ ନଷ୍ଟ ହେଉଛି ଏବଂ ବ୍ୟବସ୍ଥା ଅକାରଣରେ ସମ୍ମାନ ହରାଉଛି । ସମ୍ପ୍ରତି ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଦେଖାଦେଇଥିବା ସଙ୍କଟ କଥା ଆଲୋଚନା କରାଯାଉ । ବିଦ୍ୟୁତ୍ ବିଭାଗର କର୍ମକର୍ତ୍ତାଙ୍କୁ ପଚାରିଲେ ସେମାନେ କହୁଛନ୍ତି ଯେ ହଠାତ୍ ଟ୍ରାନ୍ସଫର୍ମର ଅଚଳ ହୋଇଯିବା ଫଳରେ ଯେଉଁ ଅପ୍ରତ୍ୟାଶିତ ସଙ୍କଟଟି ସୃଷ୍ଟି ହେଲା ତାହା ହୋଇ ନଥାନ୍ତା-ଯଦି ଆମର ପୂର୍ବ ପରିକଳ୍ପିତ ବିକଳ୍ପ ଲାଇନ୍‌ଟି ଠିକ୍ ସମୟରେ ଟଣାଯାଇପାରିଥାନ୍ତା । ଲାଇନ୍‌ଟି କାହିଁକି ଠିକ୍ ସମୟରେ ଟଣାଯାଇ ପାରିଲାନାହିଁ ବୋଲି ପ୍ରଶ୍ନ ପଚାରିବାରୁ ସେ ପୁଣି କହୁଛନ୍ତି ଯେ ଶେଷ ମୁହୂର୍ତ୍ତରେ ଜଙ୍ଗଲ ବିଭାଗର ପ୍ରତିବାଦ ଯୋଗୁଁ ଆମ୍ଭମାନଙ୍କୁ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ଟାୱାର ଗୁଡ଼ିକୁ ଭାଙ୍ଗି ସ୍ଥାନାନ୍ତରିତ କରିବାକୁ ପଡ଼ିଲା । ଅଥଚ ଯେତେବେଳେ ଆମେ ଟାୱାର ନିର୍ମାଣ କରୁଥିଲୁ ସେତେବେଳେ ଜଙ୍ଗଲ ବିଭାଗ ପକ୍ଷରୁ ଏ ବିଷୟରେ କୌଣସି ସୂଚନା ଦିଆଯାଇ ନ ଥିଲା । ଏହା ଯଦି ସତ୍ୟ ହୋଇଥାଏ, ତା'ହେଲେ ନିଶ୍ଚିତ ଭାବେ ପ୍ରଣିଧାନଯୋଗ୍ୟ । ଜଙ୍ଗଲ ସମ୍ପଦର ସୁରକ୍ଷା ଆଜି ଆମ ସମସ୍ତଙ୍କର ଏକ ଜାତୀୟ କର୍ତ୍ତବ୍ୟ । କିନ୍ତୁ କୋଟି କୋଟି ଟଙ୍କାର ଜଙ୍ଗଲ ସମ୍ପତ୍ତି ଲୁଟ୍ ହେଉଥିବା ବେଳେ ଆମ

## ଆମଘରର ହାଲଚାଲ

ସୌମ୍ୟରଞ୍ଜନ ପଟ୍ଟନାୟକ

ଜଙ୍ଗଲ ବିଭାଗର ଅଫିସରମାନଙ୍କ ଦକ୍ଷତାର ପ୍ରମାଣ ତ ମିଳେନାହିଁ ; ଓଲଟା ଭିଜିଲାନ୍ସ ବିଭାଗ ସେମାନଙ୍କ ଘର ଖାନତଲାସ କରି ଲକ୍ଷ ଲକ୍ଷ ଟଙ୍କାର ହିସାବ ବହିର୍ଭୂତ ସମ୍ପତ୍ତିର ସୂଚନା ପାଆନ୍ତି । କିନ୍ତୁ ଉପକୂଳବର୍ତ୍ତୀ ଓଡ଼ିଶା ଏକ ଅପ୍ରତ୍ୟାଶିତ ବିଦ୍ୟୁତ୍ ସଙ୍କଟରେ ପଡ଼ିଥିବା ବେଳେ ଜଙ୍ଗଲ ବିଭାଗର କର୍ମକର୍ତ୍ତାମାନେ ଜଙ୍ଗଲ ସମ୍ପଦର ସୁରକ୍ଷା ନାଆଁରେ ପ୍ରୌଢ଼ି ଦେଖାଇବା ପାଇଁ କୁଣ୍ଠାବୋଧ କରନ୍ତି ନାହିଁ । ଏହା ଆମ ଜାତୀୟ ଜୀବନର ଏକ ବିଡ଼ମ୍ବନା ନୁହେଁ ତ ଆଉ କଅଣ ?

ସେହିପରି ନଗର ଉନ୍ନୟନ ବିଭାଗ ମଧ୍ୟ ଅନୁରୂପ ଉଦାସୀନତା ଓ ହେୟମନୋଭାବର ଶିକାର ହୋଇପଡ଼ିଛି । ନଗର ଉନ୍ନୟନ ବିଭାଗ ଆମ ପ୍ରଶାସନର ଏକ ଅପେକ୍ଷାକୃତ ନୂତନ ବିଭାଗ ହେଲେ ମଧ୍ୟ ଏହାରଗୁରୁତ୍ୱ ଅନସ୍ୱୀକାର୍ଯ୍ୟ ।

କ୍ରମବର୍ଦ୍ଧିଷ୍ଣୁ ଜନରାଶିର ନୂତନ ସହରମାନଙ୍କରେ ସରସ ସୁନ୍ଦର ଜୀବନଯାପନ ପାଇଁ ତଥା ଆଧୁନିକ ନଗର ସଭ୍ୟତାର ଭିତ୍ତିଭୂମି ପ୍ରତିଷ୍ଠା ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି । ଜନସ୍ୱାସ୍ଥ୍ୟ ଏଗୁଡ଼ିକ ମଧ୍ୟରେ ଅନ୍ୟତମ । ଆଧୁନିକ ଯୁଗର ଚାହିଦା ଏବଂ ଚାପକୁ ଆଖି ଆଗରେ ରଖି ଜନସ୍ୱାସ୍ଥ୍ୟ ବିଭାଗ ବହୁ କାର୍ଯ୍ୟକ୍ରମ ହାତକୁ ନେଇଥାଏ । ଏଥିପାଇଁ ସର୍ବାଧୁନିକ ବୈଷୟିକ ଜ୍ଞାନ ଓ କୌଶଳର ଆବଶ୍ୟକତା ରହିଛି । ବହୁବର୍ଷଧରି ଏହି ବିଭାଗରେ କାର୍ଯ୍ୟ କରୁଥିବା ଇଞ୍ଜିନିୟର ବନ୍ଧୁମାନଙ୍କୁ ଆବଶ୍ୟକ ବୈଷୟିକଜ୍ଞାନ ଓ ଅଭିଜ୍ଞତା ଆହରଣ କରିବାପାଇଁ ଉଚ୍ଚଶିକ୍ଷା ନିମନ୍ତେ ଦେଶବିଦେଶକୁ ପଠାଯାଇ ଆସୁଅଛି । କିନ୍ତୁ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ପ୍ରାୟ ଅର୍ଦ୍ଧାଧିକ ଇଞ୍ଜିନିୟର ବନ୍ଧୁ ଉଚ୍ଚଶିକ୍ଷାପାଇଁ ମନୋନୀତ ହୋଇଯାଇଥିଲେ ମଧ୍ୟ ପାଠ୍ୟକ୍ରମ ସମ୍ପୂର୍ଣ୍ଣ ନ କରି ଫେରି ଆସୁଛନ୍ତି । ତାଙ୍କ ବିଦେଶଗସ୍ତ ଏକ ସୌଖୀନ ଭ୍ରମଣ ଏବଂ ବିଦେଶୀ ସାମଗ୍ରୀ କିଣାରେ ଅତିବାହିତ ହେଉଛି । ଅଥଚ ଯେଉଁମାନେ ବହୁ କଷ୍ଟ ସ୍ୱୀକାର କରି ପାଠ୍ୟକ୍ରମକୁ ସମ୍ପୂର୍ଣ୍ଣ କରୁଛନ୍ତି, ବୈଷୟିକ ଜ୍ଞାନ ଏବଂ ଅଭିଜ୍ଞତା ହାସଲ କରୁଛନ୍ତି ସେମାନଙ୍କୁ କୌଣସି ସ୍ୱୀକୃତି ମିଳୁନାହିଁ । ପଦୋନ୍ନତି ସମୟରେ ସେମାନଙ୍କ କଥା ବିଚାରକୁ ନିଆଯାଉନାହିଁ । ସାଧାରଣ ବରିଷ୍ଠତା ନାଆଁରେ ଅଣକୁଶଳୀ ଓ ଅନଭିଜ୍ଞ ଇଞ୍ଜିନିୟରମାନେ ଆମର ନଗରମାନଙ୍କର ଯୋଜନା କରୁଛନ୍ତି ଏବଂ ତାକୁ କାର୍ଯ୍ୟକାରୀ କରୁଛନ୍ତି । ଫଳରେ ଆମର ନଗର ଜୀବନ ବହୁ କୁଶଳୀ ଓ ଅଭିଜ୍ଞ ଇଞ୍ଜିନିୟରଙ୍କ ସେବାରୁ ବଞ୍ଚିତ ହେଉଛି । ଜନସ୍ୱାସ୍ଥ୍ୟ ବିଭାଗ ଜନସ୍ୱାର୍ଥବିରୋଧୀ କାର୍ଯ୍ୟ କରୁଛି ।

ଏଇଥିପାଇଁ ଆମ ପ୍ରଶାସନ ସମ୍ମାନ ହରାଉଛି ।